# ପରମେଶ୍ୱରଙ୍କୁ ଅସନ୍ତୁଷ୍ଟ କରୁଥିବା ପ୍ରଥା ଓ ବିଶ୍ୱାସ

*କେଉଁ ପ୍ରକାର ବିଶ୍ୱାସ ଓ ପ୍ରଥାଗୁଡ଼ିକ ଭୁଲ ଅଟେ? (୧) ପରମେଶ୍ୱର ଏକ ତିତ୍ୱ, ବୋଲି ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରିବା ଉଚିତ କି? (୨) ପ୍ରକୃତ ଖ୍ରୀଷ୍ଟିୟାନମାନେ କାହିଁକି ବଡ଼ଦିନ, ଇଷ୍ଟର କିମ୍ବା ଜନ୍ମଦିବସ ପାଳନ କରନ୍ତି ନାହିଁ? (୩, ୪) ମୃତବ୍ୟକ୍ତି କ'ଣ ଜୀବିତମାନଙ୍କର କ୍ଷତି କରି ପାରିବେ? (୫) ଯୀଶୁ କ'ଣ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ? (୬) ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବା କେତେ ମହତ୍ତ୍ୱପୂର୍ଣ୍ଣ? (୭)*

୧· ସବୁ ବିଶ୍ୱାସ ଓ ପ୍ରଥା ଭୁଲ ନୁହେଁ। କିନ୍ତୁ ତାହା ମିଥ୍ୟାଧର୍ମରୁ ଆସିଥିଲେ କିମ୍ବା ବାଇବଲ ଶିକ୍ଷାର ବିରୁଦ୍ଧାଚରଣ କରୁଥିଲେ, ପରମେଶ୍ୱର ସେଗୁଡ଼ିକୁ ସ୍ୱୀକୃତି ଦେବେ ନାହିଁ।—ମାଥିଉ ୧୫:୬·

୨· *ତିତ୍ୱ:* ଯିହୋବା କ'ଣ ତିତ୍ୱ ଅଟନ୍ତି—ଜଣେ ପରମେଶ୍ୱରଙ୍କ ମଧ୍ୟରେ ତିନି ବ୍ୟକ୍ତି? ନା! ଯିହୋବା ପରମପିତା, ସେ "ଏକମାତ୍ର ସତ୍ୟ ପରମେଶ୍ୱର" (ଯୋହନ ୧୭:୩; ମାର୍କ ୧୨:୨୯) ଯୀଶୁ ତାଙ୍କ ପ୍ରଥମଜାତ ପୁତ୍ର ଓ ସେ ପରମେଶ୍ୱରଙ୍କ ଅଧୀନରେ ଅଛନ୍ତି। (୧ କରିନ୍ଥୀୟ ୧୧:୩) ପିତା, ପୁତ୍ର ଅପେକ୍ଷା ମହାନ୍। (ଯୋହନ ୧୪:୨୮) ପବିତ୍ର ଆତ୍ମା ବ୍ୟକ୍ତି ନୁହେଁ; ତାହା ହେଉଛି ପରମେଶ୍ୱରଙ୍କ ସକ୍ରିୟ ଶକ୍ତି।—ଆଦି ପୁସ୍ତକ ୧:୨; ପ୍ରେରିତ ୨:୧୮·



*ପରମେଶ୍ୱର ଏକ ତିତ୍ୱ ନୁହନ୍ତି*

୩· *ବଡ଼ଦିନ ଓ ଇଷ୍ଟର୍:* ଡିସେମ୍ବର ୨୫ ରେ ଯୀଶୁଙ୍କ ଜନ୍ମ ହୋଇ ନ ଥିଲା। ସେ ଅକ୍ଟୋବର ୧ ପାଖାପାଖି ଦିନରେ ଜନି ଥିଲେ, ବର୍ଷର ଏପରି ଏକ ସମୟ, ଯେଉଁ ସମୟରେ ମେଷ ପାଳକ ରାତିରେ ସେମାନଙ୍କ ମେଷପଲକୁ ପଦାରେ ରଖନ୍ତି। (ଲୂକ ୨:୮-୧୨) ଯୀଶୁ ନିଜ ଜନ୍ମଦିବସ ପାଳନ କରିବା ପାଇଁ ଖ୍ରୀଷ୍ଟିୟାନମାନଙ୍କୁ କେବେହେଁ ଆଜ୍ଞା ଦେଇ ନ ଥିଲେ। ବରଂ ସେ ନିଜ ମୃତ୍ୟୁକୁ ସ୍ମରଣ ବା ପାଳନ କରିବା ପାଇଁ ଶିଷ୍ୟମାନଙ୍କୁ କହିଥିଲେ। (ଲୂକ ୨୨:୧୯, ୨୦) ବଡ଼ଦିନ ଓ ତାହାର ପ୍ରଥା ପ୍ରାଚୀନ ମିଥ୍ୟାଧର୍ମରୁ ଆସିଅଛି। ଏ କଥା ଇଷ୍ଟ ପ୍ରଥାରେ ଅଣ୍ଡା ଓ ଠେକୁଆ ବ୍ୟବହାର ପ୍ରଭୃତି ବିଷୟରେ ମଧ୍ୟ ସମାନ ସତ୍ୟ। ଆଦି ଖ୍ରୀଷ୍ଟିୟାନମାନେ ବଡ଼ଦିନ କିମ୍ବା ଇଷ୍ଟର ପାଳନ କରୁ ନ ଥିଲେ, ନା ହିଁ ଆଜିର ପ୍ରକୃତ ଖ୍ରୀଷ୍ଟିୟାନମାନେ କରନ୍ତି।

୪· *ଜନ୍ମଦିବସ:* ବାଇବଲ୍‌ରେ କେବଳ ଦୁଇଟି ଜନ୍ମଦିବସ ସମାରୋହ କଥା ବର୍ଣ୍ଣିତ ଅଛି ଯାହା ଯିହୋବାଙ୍କୁ ଉପାସନା କରୁ ନ ଥିବା ଲୋକେ ପାଳନ କରିଥିଲେ। (ଆଦି ପୁସ୍ତକ ୪୦:୨୦-୨୨; ମାର୍କ ୬:୨୧, ୨୨, ୨୪-

୨୭) ଆଦି ଖ୍ରୀଷ୍ଟିୟାନମାନେ ଜନ୍ମଦିବସ ପାଳନ କରୁ ନ ଥିଲେ। ଜନ୍ମଦିବସ ସମାରୋହ ପ୍ରଥା ପ୍ରାଚୀନ ମିଥ୍ୟା ଧର୍ମରୁ ଆସିଛି। ପ୍ରକୃତ ଖ୍ରୀଷ୍ଟିୟାନମାନେ ବର୍ଷର ଅନ୍ୟ ସମୟରେ ଏକତିତ ହୋଇ ଉପହାର ଦିଅନ୍ତି ଓ ଏକତ୍ର ଆନନ୍ଦ ଉପଭୋଗ କରନ୍ତି।

୫· *ମୃତବ୍ୟକ୍ତିଙ୍କୁ ଭୟ:* ମୃତବ୍ୟକ୍ତି କିଛି କାର୍ଯ୍ୟ କିମ୍ବା ଅନୁଭବ କରିପାରନ୍ତି ନାହିଁ। ଆମେ ସେମାନଙ୍କୁ ସାହାଯ୍ୟ କରି ପାରିବା ନାହିଁ ଓ ସେମାନେ ଆମର ଅନିଷ୍ଟ କରି ପାରିବେ ନାହିଁ। (ଗୀତସଂହିତା ୧୪୬:୪; ଉପଦେଶକ ୯:୫, ୧୦) ମନୁଷ୍ୟ ମୃତ୍ୟୁବରଣ କଲା ପରେ ତାହାର କୌଣସି ଅଂଶ ଜୀବିତ ରହେ ନାହିଁ। (ଯିହିଜିକଲ ୧୮:୪) କିନ୍ତୁ ବେଳେ ବେଳେ ପିଶାଚ କୁହାଯାଉଥିବା ଦୁଷ୍ଟ ସ୍ୱର୍ଗଦୂତ, ଛଳନାର ସହିତ ମୃତବ୍ୟକ୍ତିର ରୂପ ଧାରଣ କରିଥାନ୍ତି। ଯେଉଁସବୁ ପ୍ରଥା ମୃତବ୍ୟକ୍ତିଙ୍କୁ ଉପାସନା କିମ୍ବା ଭୟ କରନ୍ତି ସେସବୁ ଭୁଲ ଅଟେ।—ଯିଶାଇୟ ୮:୧୯·



*ବଡ଼ଦିନ ଓ ଇଷ୍ଟର ପ୍ରାଚୀନ ମିଥ୍ୟା ଧର୍ମରୁ ଆସିଅଛି*

୬: *କ୍ରୁଶ:* କ୍ରୁଶ ଉପରେ ଯୀଶୁଙ୍କ ମୃତ୍ୟୁ ହୋଇ ନ ଥିଲା। ତାଙ୍କର ମୃତ୍ୟୁ ଗୋଟିଏ କାଠଖୁଣ୍ଟ କିମ୍ବା ସ୍ତମ୍ଭରେ ହୋଇଥିଲା। ଅନେକ ବାଇବଲରେ ଗ୍ରୀକ୍ ଅନୁବାଦିତ "କ୍ରୁଶ" ଶବ୍ଦର ଅର୍ଥ ହେଉଛି କେବଳ ଗୋଟିଏ କାଠ ଗଣ୍ଡି। କ୍ରୁଶର ପ୍ରତୀକ ପ୍ରାଚୀନ ମିଥ୍ୟା ଧର୍ମରୁ ଆସିଅଛି। ଆଦି ଖ୍ରୀଷ୍ଟିୟାନମାନେ କ୍ରୁଶର ବ୍ୟବହାର କିମ୍ବା ଉପାସନା କରୁ ନ ଥିଲେ। ତେବେ ଉପାସନାରେ କ୍ରୁଶର ଉପଯୋଗ ଆପଣ କ'ଣ ଠିକ୍ ମନେକରନ୍ତି? —ଦ୍ୱିତୀୟ ବିବରଣ ୭:୨୬; ୧ କରିନ୍ଥୀୟ ୧୦:୧୪·



୭· ଏସବୁ କେତେକ ବିଶ୍ୱାସ ଓ ପ୍ରଥା ତ୍ୟାଗକରିବା ବହୁତ କଷ୍ଟ ହୋଇପାରେ। ଆପଣଙ୍କ ସଂପର୍କୀୟ ଓ ବନ୍ଧୁମାନେ ସେ ବିଶ୍ୱାସକୁ ପରିବର୍ତ୍ତନ ନ କରିବା ପାଇଁ ଆପଣଙ୍କୁ ପ୍ରବର୍ତ୍ତାଇ ପାରନ୍ତି। କିନ୍ତୁ ମନୁଷ୍ୟ ଅପେକ୍ଷା ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ।—ହିତୋପଦେଶ ୨୯:୨୫; ମାଥିଉ ୧୦:୩୬, ୩୭·

*ମୃତମାନଙ୍କୁ ଭୟକରିବା କିମ୍ବା ଉପାସନା କରିବାର କୌଣସି କାରଣ ନାହିଁ*